# ମୀନା ବଜାର ବିଜ୍ଞାପନ

ପତ୍ର ସଂଖ୍ୟା...୧୮୩୪...... / ତା: ୨୫.୦୬.୨୦୧୮

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତ ନିମନ୍ତେ ଜଣାଇ ଦିଆଯାଉଅଛିକି, ଚଳିତ ୨୦୧୮ ବର୍ଷ ରଥଯାତ୍ରା ଉପଲକ୍ଷେ ଗୁଣ୍ଡିଚା ବାଡ଼ି ସମ୍ମୁଖରେ ଥିବା ପଡ଼ିଆଠାରେ ମୀନା ବଜାର କାର୍ଯ୍ୟକ୍ରମ ପରିବେଷଣ ନିମନ୍ତେ ନିର୍ଦ୍ଧାରିତ ହୋଇଅଛି ।

ଏଣୁ ଇଛୁକ ବ୍ୟକ୍ତି ବା ଅନୁଷ୍ଠାନ ନିଜର ନାମ ଓ ସବିଶେଷ ବିବରଣି ସାଧା କାଗଜରେ ଲେଖି ଆସନ୍ତା ତା **୦୨.୦୭.୨୦୧୮** ରିଖ ଦିବା **୧.୦୦ ଘଣ୍ଟା** ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଜଉମୁଦ ଦିଆ ଲଫାପାରେ ଟେଣ୍ଡର ପେପର ନିର୍ଦ୍ଧାରିତ ବାକ୍ସରେ ପକାଇପାଇଁ ଆହ୍ୱାନ କରାଯାଉଛି । ନିର୍ଦ୍ଧାରିତ ତାରିଖ ଓ ସମୟ ପରେ କୌଣସି ଟେଣ୍ଡର ପେପର ଗ୍ରହଣ କରାଯିବ ନାହିଁ ଏବଂ ସେହିଦିନ ଅର୍ଥାତ ତା.**୦୨.୦୭.୨୦୧୮** ରିଖ ଅପରାହ୍ନ **୪.୦୦ ଘଣ୍ଟା** ସମୟରେ କମିଟିର ସଭ୍ୟ ଏବଂ ନିଲାମ୍‌ଧର୍ମୀଙ୍କ ଉପସ୍ଥିତିରେ ଟେଣ୍ଡର ପେପର ଖୋଲାଯିବ । ଏହି ଟେଣ୍ଡର୍‌ର ସର୍ବନିମ୍ନ ମୂଲ୍ୟ ଟ.**୧୭,୦୦,୦୦୦/-**ଙ୍କା(**ସତର ଲକ୍ଷ**) ଧାର୍ଯ୍ୟ କରାଯାଇଅଛି । ଧାର୍ଯ୍ୟ ମୂଲ୍ୟରୁ କମ୍ ଦାମ୍ ଉଲ୍ଲେଖ ଥିବା ଟେଣ୍ଡର ବିଚାର ପାଇଁ ଗ୍ରହଣ କରାଯିବ ନାହିଁ ଏବଂ ସଂପୃକ୍ତ ଟେଣ୍ଡର୍ ପେପରଟି ରଦ୍ଦ କରିଦିଆଯିବ । ଯଦି ସମସ୍ତ ନିଲାମଧାରି ଅସଫଳ ହୁଅନ୍ତି ତାହେଲେ ସେମାନଙ୍କ ସହ ଚୁକ୍ତି ପୁର୍ବକ ଆଲୋଚନା ମାଧ୍ୟମରେ ସର୍ବୋଚ୍ଚ ଟେଣ୍ଡର ମୂଲ୍ୟ ଧାର୍ଯ୍ୟ କରିବା ପାଇଁ ନିମ୍ନ ସ୍ୱାକ୍ଷରକାରିଙ୍କ ଅଧିକାର ଅଛି । ଇଛୁକ ବ୍ୟକ୍ତି ଅମାନତ ରାଶି ଟ.**୧,୭୦,୦୦୦/-**ଙ୍କା ର ବ୍ୟାଙ୍କରସ୍ ଚେକ୍ କିମ୍ବା ବ୍ୟାଙ୍କ୍ ଡ୍ରାଫ୍‌ଟ ପାରଳାଖେମୁଣ୍ଡି ସହରରେ ଅବସ୍ଥିତ ଯେକୌଣସି ଜାତୀୟକରଣ ବ୍ୟାଙ୍କ୍‌ରେ Secretary, Ratha Yatra Committee, Paralakhemundi ଙ୍କ ନାମରେ କରି ଟେଣ୍ଡର୍ ପେପର ସହ ଦାଖଲ କରିବେ ଏବଂ ଅସଫଳ ନିଲାମଧାରୀ ଦେଇଥିବା ଚେକ୍/ଡ୍ରାଫଟ୍ ଫେରସ୍ତ ଦିଆଯିବ । **ସର୍ବୋଚ୍ଚ ନିଲାମ ଡାକିଥିବା ବ୍ୟକ୍ତି ବା ଚୁକ୍ତି ପୁର୍ବକ ଆଲୋଚନା ମାଧ୍ୟମରେ ମୂଲ୍ୟ ଧାର୍ଯ୍ୟ ହୋଇଥିବା ନିଲାମଧାରୀ ନିଲାମର ବକେୟା ଅର୍ଥ ତତ୍‌କାଳ ନଗଦ ଆକାରରେ ପୈଠ କରିବାକୁ ବାଧ୍ୟ । ଯଦି ସମ୍ପୂର୍ଣ୍ଣ ରାଶି ପୈଠ କରିବାରେ ଅସମର୍ଥ ହୁଅନ୍ତି ତେବେ ଟେଣ୍ଡର ପେପର ସହିତ ପୈଠ କରିଥିବା ଅମାନତ ରାଶି ବାଜ୍ୟାପ୍ତି(Forfeit) କରାଯିବ** ଏବଂ ପରବର୍ତ୍ତି ନିଲାମଧାରୀଙ୍କ ଟେଣ୍ଡର୍ ପେପରଟି ବିଚାରକୁ ନିଆଯିବ । ନିଲାମରେ ଅଂଶ ଗ୍ରହଣ କରୁଥିବା ବ୍ୟକ୍ତି ବା ଅନୁଷ୍ଠାନ ମୀନା ବଜାର ପ୍ରଦର୍ଶନ ନିମନ୍ତେ ଆବଶ୍ୟକୀୟ ବୈଧ ଥିବା ଲାଇସେନସ୍ ଟେଣ୍ଡର ପେପର ସହିତ ଦାଖଲ କରିବେ । ସର୍ବୋଚ୍ଚ ନିଲାମ ଡାକିଥିବା ବ୍ୟକ୍ତି ବା ଚୁକ୍ତି ପୁର୍ବକ ଆଲୋଚନା ମାଧ୍ୟମରେ ସ୍ଥିରିକୃତ ବ୍ୟକ୍ତି ବା ଅନୁଷ୍ଠାନକୁ ତା **୧୪.୦୭.୨୦୧୮** ରିଖ ଠାରୁ ତା **୨୭.୦୭.୨୦୧୮** ରିଖ ପର୍ଯ୍ୟନ୍ତ ମୀନାବଜାର ପରିବେଷଣ ପାଇଁ ଅନୁମତି ଦିଆଯିବ । ଗ୍ରହଣ କରାଯାଇଥିବା ଯେ କୌଣସି ଟେଣ୍ଡର ପେପର କିମ୍ବା ସମସ୍ତ ଟେଣ୍ଡର ପେପର କୌଣସି କାରଣ ନ ଦର୍ଶାଇ ରଦ୍ଦ କରିବାର ଅଧିକାର ନିମ୍ନ ସ୍ୱାକ୍ଷରକାରୀଙ୍କର ଅଛି ।

ନିମ୍ନ ନିଧାରିତ ମୂଲ୍ୟ ପ୍ରକାରେ ନିଲାମ ଧାରି ବିଭିନ୍ନ ଖେଳ ଓ ପ୍ରଦର୍ଶନ ଗୁଡିକ ଉପରେ ଶୁଳ୍କ ଆଦାୟ କରିବେ ।

୧. ରାମ ଦୋଳି- ପ୍ରତ୍ୟେକ ଟିକଟ ର ମୂଲ୍ୟ ଟ.୪୦.୦୦ଙ୍କା
୨. ମୌତ୍ କା କୁଆଁ - ପ୍ରତ୍ୟେକ ଟିକଟ ର ମୂଲ୍ୟ ଟ.୪୦.୦୦ଙ୍କା
୩. ଡ୍ରାଗନ ଟ୍ରେନ୍ - ପ୍ରତ୍ୟେକ ଟିକଟ ର ମୂଲ୍ୟ ଟ.୪୦.୦୦ଙ୍କା
୪. ବ୍ରେକ ଡ୍ୟାନସ- ପ୍ରତ୍ୟେକ ଟିକଟ ର ମୂଲ୍ୟ ଟ.୪୦.୦୦ଙ୍କା
୫. ମ୍ୟାଜିକ ସୋ- ପ୍ରତ୍ୟେକ ଟିକଟ ର ମୂଲ୍ୟ ଟ.୪୦.୦୦ଙ୍କା
୬. ଶିଶୁ (୧୨ବର୍ଷ ପର୍ଯ୍ୟନ୍ତ) ମାନଙ୍କ ପାଇଁ ପ୍ରଦର୍ଶନ ଓ ଖେଳ ପ୍ରତ୍ୟେକ ଟିକଟ ର ମୂଲ୍ୟ ଟ.୨୦.୦୦ଙ୍କା

ବି.ଦ୍ର. - ତିନୋଟି ରଥ ଅବସ୍ଥାପିତ ନିମନ୍ତେ ନିର୍ମାଣ ହୋଇଥିବା ପ୍ଲାଟଫର୍ମ ଅଞ୍ଚଳ କିମ୍ବା ପ୍ରଶାସନିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଥିବା ସ୍ଥାନରେ ମୀନାବଜାର ପରିବେଷଣ ନିମନ୍ତେ ଅନୁମତି ଦିଆଯିବ ନାହିଁ ।

ଉପଜିଲ୍ଲାପାଳ, ପାରଳାଖେମୁଣ୍ଡି-ତଥା-
ସମ୍ପାଦକ ରଥଯାତ୍ରା କମିଟି, ପାରଳାଖେମୁଣ୍ଡି ।

# ମୀନାବଜାର ପାଇଁ ନିଲାମ ଇସ୍ତାହାର

ଚଳିତ ବର୍ଷ ପାରଳାଖେମୁଣ୍ଡି ରଥଯାତ୍ରା ସମୟରେ ଗୁଣ୍ଡିଚାବାଡି ଠାରେ ମୀନାବଜାର ଆୟୋଜନ କରିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କ ଠାରୁ ନିଲାମ ଆହ୍ୱାନ କରାଯାଇ ଅଛି । ଉକ୍ତ ବିଜ୍ଞାପନର ସବିଶେଷ ବିବରଣୀ ଗଜପତି ଜିଲ୍ଲାର ଏନ.ଆଇ.ସି. ୱେବସାଇଟରେ (**www.gajapati.nic.in**) ସମସ୍ତଙ୍କ ଅବଗତି ନିମନ୍ତେ ଉପଲବ୍ଧ ଅଛି ।

ଉପଜିଲ୍ଲାପାଳ-ତଥା-ସମ୍ପାଦକ
ରଥଯାତ୍ରା କମିଟି, ପାରଳାଖେମୁଣ୍ଡି